# NATIONAL NEWS BULLETIN (ODIA)
## 04th October - 2025
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ଦକ୍ଷତା ଏବଂ ନବସୃଜନତା ଉପରେ ପ୍ରାଥମିକତା ଦେଇ ଯୁବଶକ୍ତିକୁ ଭବିଷ୍ୟତର ନେତୃତ୍ୱ ନେବା ଦିଗରେ ଗଢ଼ିତୋଳିବା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ; କହିଲେ ପ୍ରଧାନମନ୍ତ୍ରୀ ।

- 'ଆପ୍ କୀ ପୁଞ୍ଜି - ଆପ୍ କା ଅଧିକାର' ଅଭିଯାନର ଶୁଭାରମ୍ଭ କଲେ ଅର୍ଥମନ୍ତ୍ରୀ ।

- ହିଂସାତ୍ମକ କାର୍ଯ୍ୟକଳାପ ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବାଲାଗି ମାଓବାଦୀଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଆହ୍ୱାନ ।

ଏବଂ

- ଗୁଜରାଟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଏକ ଇନିଙ୍ଗ୍‌ସ ଏବଂ ୧୪୦ ରନ୍‌ରେ ଭାରତ ବିଜୟୀ ।

# ପି.ଏମ୍.  - ୟୁଥ୍ ସ୍କିମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀରୁ ୬୨ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଯୁବକୈନ୍ଦ୍ରିକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଦେଶରେ ଶିକ୍ଷା, ଦକ୍ଷତା ଏବଂ ଉଦ୍ୟୋଗ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ହେଉଛି ଏହି ପ୍ରକଳ୍ପଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ । ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ କୌଶଳ ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ଶ୍ରୀ ମୋଦି ପି.ଏମ୍. ସେତୁ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ ନିର୍ମାଣରେ ଦକ୍ଷତାର ଏକ ଉଲ୍ଲେଖନୀୟ ଭୂମିକା ରହିଛି । ଦକ୍ଷତା ଏବଂ ନବସୃଜନତା ଉପରେ ପ୍ରାଥମିକତା ଦେଇ ଯୁବଶକ୍ତିକୁ ଭବିଷ୍ୟତର ନେତୃତ୍ୱ ନେବା ଦିଗରେ ଗଢ଼ିତୋଳିବା ଲାଗି ତାଙ୍କ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ଶ୍ରୀ ମୋଦି କହିଛନ୍ତି । ସେ କହିଛନ୍ତି, ତାଙ୍କ ସରକାରଙ୍କଦ୍ୱାରା ନିଆଯାଇଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପଦ୍ୱାରା ଦେଶର ଆର୍ଥିକ ସ୍ଥିତିରେ ଅନେକ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି । ଗତ ୧୧ ବର୍ଷ ମଧ୍ୟରେ ଏହାର ଫଳସ୍ୱରୂପ ଦେଶର ଅର୍ଥବ୍ୟବସ୍ଥା ଖୁବ୍‌ଶୀଘ୍ର ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (PM - Top 3 Economy)*** :.........

ଏହି ଅବସରରେ ପ୍ରଧାନମନ୍ତ୍ରୀ ବିହାରର ସଂଶୋଧିତ ମୁଖ୍ୟମନ୍ତ୍ରୀ ନିଶ୍ଚୟ ସ୍ୱୟଂ ସହାୟତା ଭତ୍ତା ଯୋଜନାର ମଧ୍ୟ ଶୁଭାରମ୍ଭ କରିଛନ୍ତି । ଏହି ଯୋଜନା ଅଧୀନରେ ୫ ଲକ୍ଷ ସ୍ନାତକ ଯୁବବର୍ଗ ନିଃଶୁଳ୍କ ଦକ୍ଷତା ତାଲିମ୍ ସହିତ ଆଗାମୀ ୨ ବର୍ଷ ଲାଗି ମାସିକ ୧ ହଜାର ଟଙ୍କା ଲେଖାଏଁ ଭତ୍ତା ପାଇବେ । ଏହି ଯୋଜନାଦ୍ୱାରା ବିହାରର ଯୁବବର୍ଗ କିଭଳି ଉପକୃତ ହୋଇପାରିବେ, ସେ ସମ୍ପର୍କରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି :

***Voice (PM - Bihar)*** :.........

## ସୀତାରମଣ - ପୁଞ୍ଜି

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଗୁଜରାଟର ଗାନ୍ଧିନଗରଠାରୁ 'ଆପ୍ କୀ ପୁଞ୍ଜି - ଆପ୍ କା ଅଧିକାର' ଅଭିଯାନର ଶୁଭାରମ୍ଭ କରିଛନ୍ତି । ସମଗ୍ର ଦେଶରେ ଆର୍ଥିକ ବ୍ୟବସ୍ଥାରେ ବିଭିନ୍ନ କ୍ଷେତ୍ରରେ ପଡ଼ିରହିଥିବା ଦାବିହୀନ ଆର୍ଥିକ ସମ୍ପତ୍ତିଜନିତ ସମସ୍ୟାର ତ୍ୱରିତ ସମାଧାନ କରିବା ହେଉଛି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ଆୟୋଜିତ ଏକ ସମାବେଶରେ ଉଦ୍‌ବୋଦନ ଦେଇ ଅର୍ଥମନ୍ତ୍ରୀ କହିଛନ୍ତି, ଏହି ଅଭିଯାନ ମାଧ୍ୟମରେ ଦାବି କରାଯାଇ ନ ଥିବା ଜମାରାଶିକୁ ଏହାର ବୈଧ ଦାବିଦାରମାନଙ୍କୁ ହସ୍ତାନ୍ତର ସୁନିଶ୍ଚିତ କରାଯାଇପାରିବ । ଆର୍ଥିକ ପ୍ରତିଷ୍ଠାନ

ଏବଂ ଦାବିଦାରମାନଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରି ଶ୍ରୀମତୀ ସୀତାରମଣ କହିଛନ୍ତି, ଜନସାଧାରଣ ଆର୍ଥିକ ସଶକ୍ତୀକରଣ କ୍ଷେତ୍ରରେ ଏହି ପଦକ୍ଷେପ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ।

## ନଡ୍ଡା - ସୁସ୍ଥ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନକୁ ସଫଳ କରାଇବା ଲାଗି ଏଥିରେ ସମ୍ପୃକ୍ତ ସମସ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ଏହି ଅଭିଯାନ ସମ୍ପର୍କିତ ଏକ ପୋଷ୍ଟକୁ ଆଧାର କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ଏହି ଅଭିଯାନକୁ ଜନଭାଗିଦାରୀର ଏକ ଜ୍ୱଳନ୍ତ ଉଦାହରଣ ରୂପେ ଶ୍ରୀ ମୋଦି ଅଭିହିତ କରିବା ସହିତ ଏକ ସୁସ୍ଥ ଏବଂ ସଶକ୍ତ ସମାଜ ଗଠନ ଏବଂ ସାଧାରଣ ଜନତାଙ୍କ ଜୀବଶୈଳୀରେ  ଉନ୍ନତି ଆଣିବା ଦିଗରେ ଏହି ସାମୂହିକ ପ୍ରଚେଷ୍ଟାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି ।

ପୂର୍ବରୁ ଦେଶରେ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନରେ ୬ କୋଟି ୫୦ ଲକ୍ଷ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି.ନଡ୍ଡା ପୂର୍ବରୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ

କରିଥିଲେ । ଏହି ଅଭିଯାନ ଏକ ଐତିହାସିକ ମାଇଲ୍‌ଖୁଣ୍ଟ ଅତିକ୍ରମ କରିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ  ଏଥିରେ ଉଲ୍ଲେଖ କରିଛନ୍ତି । ଗତ ମାସ ୧୭ ତାରିଖରୁ ଆରମ୍ଭ ହୋଇଥିବା ଅଭିଯାନ ଗତକାଲି ଶେଷ ହୋଇଛି । ଏଥିରେ ଦେଶବ୍ୟାପୀ ୧୮ ଲକ୍ଷ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଏହି ଅସାଧାରଣ ସଫଳତା ଦେଶରେ ମହିଳାମାନଙ୍କ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଏବଂ ସାମୂହିକ ଉଦ୍ୟମର ପ୍ରତିଫଳନ ବୋଲି ଶ୍ରୀ ନଡ୍ଡା ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି।

## ଅମିତ ଶାହା

ଆସନ୍ତା ବର୍ଷ ମାର୍ଚ୍ଚ ୩୧  ତାରିଖ ସୁଦ୍ଧା ସମଗ୍ର ଦେଶକୁ ବାମପନ୍ଥୀ ଉଗ୍ରବାଦ କବଳରୁ ମୁକ୍ତ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି । ହିଂସାତ୍ମକ କାର୍ଯ୍ୟକଳାପ ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବାକୁ ମାଓବାଦୀଙ୍କୁ ଅନୁରୋଧ କରି ଶ୍ରୀ ଶାହା କହିଛନ୍ତି, ଯେଉଁମାନେ ହିଂସାପଥରେ ଅଗ୍ରସର ହେବେ, ସେମାନଙ୍କୁ ଭବିଷ୍ୟତରେ ଦେଶର ସୁରକ୍ଷା ବଳର କଠୋର କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ । ଛତିଶଗଡ଼ର ଜଗଦଳପୁରଠାରେ ଆୟୋଜିତ ବସ୍ତର ଦଶହରା ଲୋକୋତ୍ସବରେ ଉଦ୍‌ବୋଧନ ଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି,

ନକ୍ସଲ ସମସ୍ୟା ଯୋଗୁଁ ବସ୍ତର ଅଞ୍ଚଳର ଦୀର୍ଘଦିନ ଧରି କୌଣସି ଉନ୍ନତି ହୋଇପାରୁ ନାହିଁ । ତେବେ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପରେ ସମ୍ପୃକ୍ତ ଅଞ୍ଚଳର ବିକାଶ ଦିଗରେ ଉଗ୍ରବାଦୀମାନେ କୌଣସି ବାଧା ସୃଷ୍ଟି କରିପାରିବେ ନାହିଁ ବୋଲି ଶ୍ରୀ ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

***Voice (Amit Shah)*** :.........

ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଗ୍ରାମୀଣ ବସ୍ ସେବାର ଶୁଭାରମ୍ଭ କରିଛନ୍ତି ।

# ଜି.ଏସ୍.ଟି. - ଟେକ୍ସଟାଇଲ୍ ସେକ୍ଟର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଦ୍ୱାରା ଘୋଷଣା କରାଯାଇଥବା ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଗତମାସ ୨୨ ତାରିଖରୁ ଆରମ୍ଭ ହୋଇଥିବାବେଳେ ଏହା ସମାଜର ସମସ୍ତ ବର୍ଗର ଲୋକଙ୍କୁ ଲାଭ ଦେଉଥିବା ଜଣାପଡ଼ିଛି । ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛି । ଏହି ଅବସରରେ ଟିକସ ହ୍ରାସଦ୍ୱାରା ବୟନ ଶିଳ୍ପ କ୍ଷେତ୍ର କିଭଳି ଉପକୃତ ହୋଇଛି, ସେ ସମ୍ପର୍କରେ ଏକ ରିପୋର୍ଟ :

ସାଧାରଣ ଜନତାଙ୍କୁ ବିଶେଷଭାବେ ଲାଭାନ୍ୱିତ କରିବା ଉଦ୍ଦେଶ୍ୟରେ ସରକାର ବୟନ ଶିଳ୍ପ କ୍ଷେତ୍ରରେ ଜି.ଏସ୍.ଟି. ଦର ହ୍ରାସ କରିଛନ୍ତି । ଆଗାମୀ

ପିଢ଼ି ଜି.ଏସ୍.ଟି. ସଂସ୍କାର ଅନୁଯାୟୀ ହାତ ତିଆରି ତନ୍ତୁ ଉପରେ ଟିକସ ଦରକୁ ୧୮ରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ସେହିଭଳି ହାତ ତିଆରି ସୂତା ଉପରେ ଟିକସ ହାର ୧୨ରୁ ୫ ପ୍ରତିଶତକୁ କମା ଯାଇଛି । ଏହାଦ୍ୱାରା ସାଧାରଣ ଜନତା ଆର୍ଥିକ ଲାଭ ପାଇପାରିବେ । ଏହାଛଡ଼ା ୨ ହଜାର ୫୦୦ ଟଙ୍କା ପର୍ଯ୍ୟନ୍ତ ପୋଷାକ କ୍ରୟ ଉପରେ ଏଣିକି ଜି.ଏସ୍.ଟି. ୫ ପ୍ରତିଶତ ଦେବାକୁ ପଡ଼ିବ । ବୟନ ଶିଳ୍ପ କ୍ଷେତ୍ରରେ ଏହି ଉଲ୍ଲେଖନୀୟ ହ୍ରାସ ଦ୍ୱାରା ଏହାର ଦର ହ୍ରାସ ହେବା ସହିତ ଚାହିଦାକୁ ପ୍ରୋତ୍ସାହିତ କରାଯାଇପାରିବ ଏବଂ ରପ୍ତାନୀ ପ୍ରକ୍ରିୟାକୁ ମଧ୍ୟ ଅଧିକ ସୁଦୃଢ଼ କରାଯାଇପାରିବ । ଏହାଦ୍ୱାରା ଭାରତକୁ ବିଶ୍ୱ ବୟନ ଶିଳ୍ପ କ୍ଷେତ୍ରରେ ଏକ ହବ୍‌ରେ ପରିଣତ କରିବା ସ୍ୱପ୍ନ ସାକାର ହୋଇପାରିବ ।

## ଟ୍ରିବ୍ୟୁଟ୍ ସହ ତିରୁପପୁର କୁମାରନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ତିରୁପ୍‌ପୁର କୁମାରନ୍ ଏବଂ ସୁବ୍ରମଣୀୟ ଶିବଙ୍କର ଜନ୍ମ ବାର୍ଷିକୀ ଅବସରରେ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦି କହିଛନ୍ତି, ତାମିଲ୍‌ନାଡୁର ଏହି ଦୁଇ ସଂଗ୍ରାମୀ ଭାରତର ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କ ଜୀବନ ଉତ୍ସର୍ଗ କରିଥିଲେ । ଏଥିସହିତ

ଜନସାଧାରଣଙ୍କ ମଧ୍ୟରେ ଜାତୀୟତାବାଦ ଭାବନା ଜାଗ୍ରତ କରାଇବା ଦିଗରେ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## କ୍ରିକେଟ୍ - ଇଣ୍ଡିଆ-ୱେଷ୍ଟଇଣ୍ଡିଜ୍

ଗୁଜରାଟର ଅହମ୍ମଦାବାଦ ସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଏକ ଇନିଙ୍ଗ୍‌ସ ଏବଂ ୧୪୦ ରନ୍‌ରେ ଭାରତ ବିଜୟୀ ହୋଇଛି । ଏଥିସହିତ ଭାରତ ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ୧-୦ରେ ଅଗ୍ରଣୀ ରହିଛି ।

ଭାରତ ପ୍ରଥମ ଇନିଙ୍ଗ୍‌ସ୍‌ରେ ୫ ୱିକେଟ୍‌ରେ ୪୪୮ ରନ୍ କରି ପାଳି ସମାପ୍ତି ଘୋଷଣା କରିଥିଲା । ଧ୍ରୁବ୍ ଜୁଏଲ୍, ରବୀନ୍ଦ୍ର ଜାଡେଜା ଏବଂ କେ.ଏଲ୍. ରାହୁଲ ଦଳ ପକ୍ଷରୁ ଶତକ ହାସଲ କରିଛନ୍ତି । ୨୮୬ ରନ୍ ଅଗ୍ରଣୀ ଲାଭ କରି ଭାରତ ୱେଷ୍ଟଇଣ୍ଡିଜ୍‌କୁ ୧୪୬ ରନ୍‌ରେ ଅଲ୍‌ଆଉଟ୍ କରିଦେଇଥିଲା । ପୂର୍ବରୁ ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଙ୍ଗ୍‌ସରେ ୧୬୨ ରନ୍‌ରେ ଅଲ୍ ଆଉଟ୍ ହୋଇଥିଲା । ଆସନ୍ତା ୧୦ ତାରିଖ ଦିନ ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ଠାରେ ଏହି ସିରିଜ୍‌ର ଦ୍ୱିତୀୟ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ ।

## ଓ.ଡି.ଆଇ. ଟିମ୍ - ବି.ସି.ସି.ଆଇ.

ଅଷ୍ଟ୍ରେଲିଆରେ ଆଗାମୀ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍ ଲାଗି ଶୁଭମନ୍ ଗିଲ୍ ଭାରତର ନୂତନ ଅଧିନାୟକ ଭାବେ ନିଯୁକ୍ତ ହୋଇଛନ୍ତି । ପୂର୍ବରୁ ଭାରତୀୟ ଟେଷ୍ଟ ଏବଂ ଟି-ଟ୍ୱେଣ୍ଟି ଫର୍ମାଟ୍‌ରେ ଅଧିନାୟକତ୍ୱ ତୁଲାଇଥିବା ଶୁଭମନ୍ ଏଣିକି ଦିନିକିଆ ସିରିଜ୍‌ରେ ମଧ୍ୟ ଏହି ଦାୟିତ୍ୱ ତୁଲାଇବେ ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ୍- ବି.ସି.ସି.ଆଇ. କହିଛି । ଶ୍ରେୟାସ୍ ଆୟାର୍‌ଙ୍କୁ ଉପ-ଅଧିନାୟକ ମନୋନୀତ କରାଯାଇଛି । ଅନ୍ୟପକ୍ଷରେ ଅଧିନାୟକ ପଦରୁ ଅବ୍ୟାହତ ନେଇଥିବା ସତ୍ତ୍ୱେ ରୋହିତ ଶର୍ମା ଦିନିକିଆ ସିରିଜ୍ ଲାଗି ଉଦ୍ଦିଷ୍ଟ ଭାରତୀୟ ଦଳରେ ସାମିଲ୍ ହେବେ । ସେହିଭଳି ବିରାଟ୍ କୋହଲି ମଧ୍ୟ ଏହି ଦଳରେ ଖେଳିବେ ବୋଲି ବି.ସି.ସି.ଆଇ. କହିଛି । ଅନ୍ୟମାନଙ୍କ ମଧ୍ୟରେ ଅକ୍ସର ପଟେଲ୍, କେ.ଏଲ୍. ରାହୁଲ୍, ନୀତିଶ କୁମାର ରେଡ୍ଡୀ, ଓ୍ୱାଶିଂଟନ ସୁନ୍ଦର, କୁଲଦୀପ୍ ଯାଦବ, ହରଶିତ୍ ରାଣା, ମହମ୍ମଦ ସିରାଜ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ଧ୍ରୁବ୍ ଜୁରେଲ୍ ଏବଂ ଯଶସ୍ୱୀ ଜୟଶ୍ୱାଲ୍ ଏହି ଦିନିକିଆ ଦଳରେ ସାମିଲ୍ ହୋଇଛନ୍ତି ବୋଲି ବି.ସି.ସି.ଆଇ. କହିଛି ।

*****